# NATIONAL NEWS BULLETIN (ODIA)
## 6 September - 2024
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକଙ୍କ ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ ନେଇ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ।
- ନୂଆଦିଲ୍ଲୀଠାରେ ଭାରତ ଓ ମାଳଦ୍ୱୀପ ମଧ୍ୟରେ ଅନୁଷ୍ଠିତ ହେଲା ପଞ୍ଚମ ପ୍ରତିରକ୍ଷା ସହଯୋଗ ବୈଠକ ।
- ତେଲଙ୍ଗାନାରେ ବର୍ଷା ଓ ବନ୍ୟାଜନିତ କ୍ଷୟକ୍ଷତି ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଲେ କେନ୍ଦ୍ର ସରକାର ।
- ଆର୍ଥିକ ଅନିୟମିତତା ଓ ଦୁର୍ନୀତି ମାମଲାରେ ଆର୍.ଜି.କର ମେଡିକାଲ କଲେଜ ପୂର୍ବତନ ଅଧ୍ୟକ୍ଷଙ୍କ ବାସଭବନରେ ଇଡ଼ିର ଚଢ଼ଉ ।

ଏବଂ

- ପ୍ୟାରିସ ପାରା ଅଲିମ୍ପିକ୍ସ ଉଦ୍‌ଯାପନୀ ଉତ୍ସବରେ ଦେଶର ଜାତୀୟ ପତାକା ବହନ କରିବେ ପଦକ ବିଜେତା ହରବିନ୍ଦର ସିଂ ଏବଂ ପ୍ରୀତି ପାଲ ।

# ପ୍ରାଇମ୍ ମିନିଷ୍ଟର- ଟିଚର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାତୃଭାଷାରେ ଶିକ୍ଷା ଲାଭ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଆଜି ଅପରାହ୍ନରେ ଜାତୀୟ ଶିକ୍ଷକ ପୁରସ୍କାର ପାଇଥିବା ଶିକ୍ଷକମାନଙ୍କ ସହ ଆଲୋଚନା କରି ଶ୍ରୀ ମୋଦୀ ଜାତୀୟ ଶିକ୍ଷା ନୀତିର ପ୍ରଭାବ ସମ୍ପର୍କରେ ଆଲୋଚନା କରିଛନ୍ତି। ଶିକ୍ଷକମାନେ ବିଭିନ୍ନ ଭାଷାରେ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ଲୋକକଥା ଶିଖାଇପାରିବେ, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଏକାଧିକ ଭାଷା ଶିଖିପାରିବେ ଏବଂ ଭାରତର ଜୀବନ୍ତ ସଂସ୍କୃତି ସହିତ ମଧ୍ୟ ପରିଚିତ ହୋଇପାରିବେ ବୋଲି ସେ ପରାମର୍ଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଶିକ୍ଷକମାନେ ସେମାନଙ୍କ ଛାତ୍ରଛାତ୍ରୀଙ୍କୁ ଭାରତର ବିବିଧତା ଅନୁସନ୍ଧାନ କରିବା ପାଇଁ ଶିକ୍ଷାଗତ ଗସ୍ତରେ ନେଇପାରିବେ, ଏହା ସେମାନଙ୍କ ଶିକ୍ଷଣରେ ସହାୟକ ହେବ ଏବଂ ଏହା ସେମାନଙ୍କୁ ସେମାନଙ୍କ ଦେଶ ବିଷୟରେ ସାମଗ୍ରିକ ଭାବରେ ଜାଣିବାରେ ମଧ୍ୟ ସାହାଯ୍ୟ କରିବ। ଏହା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ପ୍ରୋତ୍ସାହିତ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି।

ପୁରସ୍କାର ପ୍ରାପ୍ତ ଶିକ୍ଷକମାନେ ସାମାଜିକ ଗଣମାଧ୍ୟମରେ ପରସ୍ପର ସହ ଯୋଡ଼ି ହେବା ଉଚିତ ଏବଂ ସେମାନଙ୍କର ଶ୍ରେଷ୍ଠ ଅଭ୍ୟାସ ଗୁଡ଼ିକୁ ପରସ୍ପର ଭିତରେ ବାଣ୍ଟିବା ଦରକାର, ଏହାଦ୍ୱାରା ସମସ୍ତେ ଉପକୃତ ହୋଇପାରିବେ ।

ପୁରସ୍କୃତ ବ୍ୟକ୍ତିମାନେ ସେମାନଙ୍କର ଶିକ୍ଷାଦାନ ଅଭିଜ୍ଞତା ପ୍ରଧାନମନ୍ତ୍ରୀଙ୍କ ସହ ବାଣ୍ଟିଥିଲେ । ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେମାନଙ୍କ ଦ୍ୱାରା ବ୍ୟବହୃତ ଆଗ୍ରହପୂର୍ଣ୍ଣ କୌଶଳ ବିଷୟରେ ମଧ୍ୟ ସେମାନେ ଆଲୋଚନା କରିଥିଲେ । ନିୟମିତ ଶିକ୍ଷାଦାନ କାର୍ଯ୍ୟ ସହିତ ଶିକ୍ଷକମାନଙ୍କ ଦ୍ୱାରା କରାଯାଉଥିବା ସାମାଜିକ କାର୍ଯ୍ୟର ଉଦାହରଣ ମଧ୍ୟ ସେମାନେ ପ୍ରଧାନମନ୍ତ୍ରୀଙ୍କ ସହ ବାଣ୍ଟିଥିଲେ । କଥାବାର୍ତ୍ତା ସମୟରେ ପ୍ରଧାନମନ୍ତ୍ରୀ ଶିକ୍ଷାଦାନ ପ୍ରତି ଶିକ୍ଷକମାନଙ୍କର ସମର୍ପଣ ଭାବ ଏବଂ ଉତ୍ସାହକୁ ପ୍ରଶଂସା କରିଥିଲେ ।

## ଇଣ୍ଡିଆନ-ମାଲଦ୍ୱୀପ

ନୂଆଦିଲ୍ଲୀରେ ଭାରତ ଓ ମାଲଦ୍ୱୀପ ମଧ୍ୟରେ ପଞ୍ଚମ ପ୍ରତିରକ୍ଷା ସହଯୋଗ ଆଲୋଚନା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରତିରକ୍ଷା ସଚିବ ଗିରିଧର ଅରମାନେ ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିବା ବେଳେ ମାଲଦ୍ୱୀପ ପକ୍ଷରୁ ପ୍ରତିରକ୍ଷା ବାହିନୀ ମୁଖ୍ୟ

ଜେନେରାଲ ଇବ୍ରାହିମ ହିଲ୍‌ମି ଏହି ବୈଠକରେ ଯୋଗ ଦେଇଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ବୈଠକ ଉଭୟ ପକ୍ଷଙ୍କୁ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ସମ୍ବନ୍ଧୀୟ ପ୍ରସଙ୍ଗରେ ଆଲୋଚନା କରିବାର ସୁଯୋଗ ଦେଇଛି। ଏହି ବୈଠକରେ ବିଭିନ୍ନ ପ୍ରତିରକ୍ଷା ସହଯୋଗ ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା ହୋଇଛି।

ଉଭୟ ପକ୍ଷ ଉଚ୍ଚସ୍ତରୀୟ ବିନିମୟ ଏବଂ ଦକ୍ଷତା ବିକାଶ ପ୍ରକଳ୍ପ ଭଳି ସାଧାରଣ ସ୍ୱାର୍ଥସମ୍ପନ୍ନ ଅନ୍ୟ କେତେକ ବିଷୟ ଉପରେ ମଧ୍ୟ ଆଲୋଚନା କରିଛନ୍ତି। ଭବିଷ୍ୟତରେ ଅନୁଷ୍ଠିତ ହେବାକୁ ଥିବା ସାମରିକ ଅଭ୍ୟାସରେ ଉଭୟ ଦେଶ ଅଂଶଗ୍ରହଣ କରିବେ ବୋଲି ଆଲୋଚନା ହୋଇଛି। ଏହି ଆଲୋଚନା ଫଳପ୍ରଦ ହୋଇଛି, ଯାହା ନିକଟ ଭବିଷ୍ୟତରେ ଉଭୟ ଦେଶର ଅଂଶୀଦାର ସ୍ୱାର୍ଥକୁ ଆଗକୁ ବଢ଼ାଇବ ଏବଂ ଭାରତ ମହାସାଗର ଅଞ୍ଚଳରେ ସ୍ଥିରତା ଏବଂ ସମୃଦ୍ଧି ଆଣିବ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

## ଟିବି- ଟ୍ରିଟ୍‌ମେଣ୍ଟ

ଦେଶରେ ଯକ୍ଷ୍ମାରୋଗକୁ ମୂଳୋତ୍ପାଟନ କରିବା ପାଇଁ ପ୍ରଭାବଶାଳୀ ଚିକିତ୍ସା ପଦ୍ଧତି ପ୍ରଚଳନକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁମୋଦନ କରିଛି।

ବି.ପି.ଏ.ଏଲ.ଏମ୍ ପଦ୍ଧତିରେ ଏହାର ବିକଳ୍ପ ଚିକିତ୍ସା କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦେଶରେ ଯକ୍ଷ୍ମା ନିରାକରଣ ନିମନ୍ତେ ଜାତୀୟ ଲକ୍ଷ୍ୟ ହାସଲ କରିବା ପାଇଁ ଏହି ପଦକ୍ଷେପ ଯଥେଷ୍ଟ ଫଳପ୍ରଦ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଶା ପ୍ରକାଶ କରିଛି।

## କୋଲକାତା- ଇଡି

କୋଲକାତା ସ୍ଥିତ ଆର୍.ଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ଡାକ୍ତର ସନ୍ଦୀପ ଘୋଷଙ୍କ ଆର୍ଥିକ ଅନିୟମିତତା ଓ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ- ଇ.ଡି’ ବିଭିନ୍ନ ସ୍ଥାନରେ ଆଜି ଚଢ଼ଉ ଜାରି ରଖିଛି। ବେଲଘାଟସ୍ଥିତ ସନ୍ଦୀପ ଘୋଷଙ୍କ ଫ୍ଲାଟ୍‌ରେ ଇଡି ଚଢ଼ାଉ କରିବା ସହ କୋଲକାତା ଉପନଗରର ସୁବାସଗ୍ରାମ ଅଞ୍ଚଳରେ ଥିବା ତାଙ୍କ ଘରୁ ପ୍ରସୁନ୍ ଚଟ୍ଟୋପାଧ୍ୟାୟ ନାମକ ଜଣେ ବ୍ୟକ୍ତିଙ୍କୁ ଇଡି ଅଟକ ରଖିଛି।

## ବିଜେପି- କୋଲକାତା ଇନ୍‌ସିଡେଣ୍ଟ

କୋଲକାତାସ୍ଥିତ ଆର୍.ଜି.କର ମେଡିକାଲ କଲେଜରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ବିଜେପି ଆଜି ପଶ୍ଚିମବଙ୍ଗ ସରକାରଙ୍କୁ ସମାଲୋଚନା କରିଛି। ପୀଡ଼ିତାଙ୍କ ପିତାମାତାଙ୍କୁ ପଶ୍ଚିମବଙ୍ଗ ସରକାର ଏହି ଘଟଣା ଚପାଇଦେବାକୁ ଆର୍ଥିକ ପ୍ରଲୋଭନ ଦେଖାଇଥିବା ବିଜେପି

ଅଭିଯୋଗ କରିଛି।  ପଶ୍ଚିମବଙ୍ଗ ସରକାର ଏହି ସମ୍ପର୍କରେ ସ୍ପଷ୍ଟିକରଣ ଦିଅନ୍ତୁ ବୋଲି ବିଜେପି ଦାବି କରିଛି।

## ତେଲଙ୍ଗାନା- ଫ୍ଲଡ ଶିବରାଜ

ତେଲଙ୍ଗାନାରେ ପ୍ରବଳ ବର୍ଷା, ବନ୍ୟାଜନିତ କ୍ଷୟକ୍ଷତିରେ  ଭରଣା ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାରର ସହଯୋଗ କରିବେ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ତେଲଙ୍ଗାନା ସରକାରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରେବନାଥ ରେଡ୍ଡୀ ଏବଂ କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାରଙ୍କ ସହ ହାଇଦ୍ରାବାଦସ୍ଥିତ ରାଜ୍ୟ ସଚିବାଳୟରେ କିଛି ସମୟ ପୂର୍ବରୁ ଶ୍ରୀ ଚୌହ୍ୱାନ ସଦ୍ୟ ବନ୍ୟା ପରିସ୍ଥିତି ବିଷୟରେ ଆଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହ୍ୱାନ ରାଜ୍ୟର ଖମାମ୍ ଅଞ୍ଚଳର ପ୍ରଭାବିତ ଲୋକମାନଙ୍କୁ ଭେଟି ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

## ଏପି- ଇଣ୍ଡିଆନ୍ ଆର୍ମି ଫ୍ଲଡ୍

ଆନ୍ଧ୍ରପ୍ରଦେଶର ବନ୍ୟା ପ୍ରଭାବିତ ଅଞ୍ଚଳରେ ଭାରତୀୟ ନୌସେନା ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବନ୍ୟା ଜଳରେ ଫସି ରହିଥିବା ଲୋକଙ୍କୁ ଖାଦ୍ୟ ପ୍ୟାକେଟ୍, ଚିକିତ୍ସା ସାମଗ୍ରୀ ଏବଂ ପାଣି

ବୋତଲ ପହଞ୍ଚାଇବା ପାଇଁ ନୌସେନାର ହେଲିକପ୍‌ଟରକୁ ନିୟୋଜନ କରାଯାଇଛି ।

ବନ୍ୟା ରିଲିଫ୍ ଦଳ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ କ୍ଷତିଗ୍ରସ୍ତଙ୍କୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଉଛନ୍ତି । ବର୍ତ୍ତମାନ ସୁଦ୍ଧା ୧୮୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ପ୍ରଭାବିତ ଲୋକମାନଙ୍କୁ ନୌସେନା ପକ୍ଷରୁ ସହାୟତା ଜାରି ରହିଛି ।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ବିଜୟୱାଡ଼ାରେ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଆକାଶମାର୍ଗରେ ହେଲିକପ୍ଟର ଯୋଗେ ପରିଦର୍ଶନ କରିଛନ୍ତି । ମୁଖ୍ୟମନ୍ତ୍ରୀ ବୁଡ଼ାମେରୁ କେନାଲ ପ୍ରଭାବିତ ଅଞ୍ଚଳ ଅନୁଧ୍ୟାନ କରିବା ସହ କ୍ରିଷ୍ଣା ନଦୀ ଅବବାହିକା ମଧ୍ୟ ଅନୁଧ୍ୟାନ କରିଛନ୍ତି । ଉଦ୍ଧାର କାର୍ଯ୍ୟ ଏବଂ ରିଲିଫ ବଣ୍ଟନକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ନାଇଡୁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପାରା ଅଲିମ୍ପିକ୍ସ- ଫ୍ଲାଗ୍ ବିଅରେର୍

ପ୍ୟାରିସ୍ ପାରାଲିମ୍ପିକ୍ସ କ୍ରୀଡ଼ା ଉଦ୍‌ଯାପନୀ ସମାରୋହରେ ସ୍ୱର୍ଣ୍ଣ ପଦକ ବିଜେତା ତୀରଚାଳକ ହରବିନ୍ଦର ସିଂହ ଏବଂ ଧାବିକା ପ୍ରୀତି ପାଲ ଦେଶର ଜାତୀୟ ପତାକା ବହନ କରିବେ । ଆସନ୍ତା ରବିବାର ଦିନ

ଅନୁଷ୍ଠିତ ହେବାକୁ ଥିବା ଏହି ଉଦ୍‌ଯାପନୀ ସମାରୋହରେ ଏହି ଭାରତୀୟ କ୍ରୀଡ଼ାବିତ୍‌ମାନେ ଏଥିରେ ଅଂଶଗ୍ରହଣ କରିବେ।

ହରବିନ୍ଦର ପାରାଲିମ୍ପିକ୍ସ କ୍ରୀଡ଼ାର ତୀରଚାଳନା ବର୍ଗରେ ପ୍ରଥମ ଭାରତୀୟ ଭାବେ ସ୍ୱର୍ଣ୍ଣ ପଦକ ଜିତିବାର ଇତିହାସ ରଚିଥିଲେ। ତେବେ ପ୍ରଥମ ଭାରତୀୟ ମହିଳା ଭାବେ ପ୍ରୀତି ପାଲ ପାରାଲିମ୍ପିକ୍ସରେ ଦୁଇଟି ପଦକ ଜିତି ଦେଶ ପାଇଁ ଗୌରବ ଆଣିଥିଲେ। ସେ ମହିଳା ଟି-୩୫ ୧୦୦ ମିଟର ଓ ୨୦୦ ମିଟର ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିଲେ।

ପ୍ୟାରିସ୍ ୨୦୨୪ ପାରାଲିମ୍ପିକ୍ସ ଦଳ ପାଇଁ ଭାରତର ମିଶନ ମୁଖ୍ୟ ସତ୍ୟ ପ୍ରକାଶ ସାଙ୍ଗୱାନ ଆଜି ଏହି ଏହା ପ୍ରକାଶ କରିଛନ୍ତି।

# ପାରାଅଲିମ୍ପିକ୍ସ

ଭାରତୀୟ ଆଥଲେଟ୍ ପ୍ରବୀଣ କୁମାର ପ୍ୟାରିସ୍ ପାରାଲିମ୍ପିକ୍ କ୍ରୀଡ଼ାରେ ପୁରୁଷ ଉଚ୍ଚଡିଆଁ ବର୍ଗରେ ଫାଇନାଲରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଟି-୬୪ରେ ପ୍ରବୀଣ ୨ ଦଶମିକ ୦/୮ ମିଟରରେ ଚମତ୍କାର ପ୍ରୟାସ ସହ ଶୀର୍ଷ ସ୍ଥାନ ଅଧିକାର କରି ଏକ ନୂଆ ରେକର୍ଡ ସ୍ଥାପନ କରିଛନ୍ତି। ପ୍ରବୀଣ ସଫଳତାର ସହ ଲଗାତାର ୭ଥର ଡେଇଁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆମେରିକାର ଡେରେକ୍ ରୌପ୍ୟ ପଦକ ଜିତିଥିବା ବେଳେ

ଉଜ୍‌ବେକିସ୍ତାନର ଜିଆଜୋଭ ତେମୁରବେକ୍ କାଂସ୍ୟ ପଦକ ଜିତିଛନ୍ତି। ଏହି ସ୍ୱର୍ଣ୍ଣ ସହ ଭାରତ ୬ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୧ଟି କାଂସ୍ୟ ସହ ମୋଟ ୨୬ ପଦକ ସହ ପଦକ ତାଲିକାର ୧୪ତମ ସ୍ଥାନରେ ପହଞ୍ଚିଛି।

ନବମ ଦିନରେ ଭାରତୀୟ ଆଥଲେଟମାନେ ପାୱାର ଲିଫ୍‌ଟିଂ ଏବଂ ଆଥଲେଟିକ୍ସର ଏକାଧିକ ବିଭାଗରେ ପଦକ  ଜିତିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଭାରତୀୟ ସମୟ ରାତି ସାଢ଼େ ୮ଟାରେ ହେବାକୁ ଥିବା ପାୱାର ଲିଫ୍‌ଟିଂରେ କସ୍ତୁରୀ ରାଜମଣି ମହିଳା ୬୭ କିଲୋଗ୍ରାମ ବର୍ଗର ଫାଇନାଲ ଖେଳିବେ।

ଆଥଲେଟିକ୍ସରେ ଆଜି ସନ୍ଧ୍ୟାରେ ମହିଳା ଜାଭେଲିନ୍ ଥ୍ରୋ ଏଫ୍-୪୬ ଫାଇନାଲ୍‌ରେ ଭାବନାବେନ୍ ଅଜାବାଜୀ ଚୌଧୁରୀ ଖେଳିବେ। ଏହି କାର୍ଯ୍ୟକ୍ରମ ଭାରତୀୟ ସମୟ ରାତି ସାଢ଼େ ୧୦ଟାରୁ ଆରମ୍ଭ ହେବ। ଭାରତ ପାଇଁ ଦିନର ଅନ୍ତିମ ପଦକ ଇଭେଣ୍ଟରେ ସୋମନ ରାଣା ଏବଂ ହୋକାଟୋ ହୋଟୋ ହୋତୋଜେ ସେମା ପୁରୁଷ ସଟ୍ ପୁଟ୍ ଏଫ୍ - ୫୭ ଫାଇନାଲରେ ପୋଡିୟମ ପଦକ ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ପ୍ରତିଯୋଗିତା ଭାରତୀୟ ସମୟ ରାତି ୧୦ଟା ୩୪ରେ ଆରମ୍ଭ ହେବ।

ଏହାବ୍ୟତୀତ ଭାରତୀୟ ପାରା ଧାବକ ଦିଲୀପ ଗାଭିତ୍ ହିଟ୍-ୱାନ୍'ର ରାଉଣ୍ଡ-ୱାନ୍‌ରେ ତୃତୀୟ ସ୍ଥାନରେ ରହି ପୁରୁଷ ୪୦୦ ମିଟର

ଟି-୪୭ ପ୍ରତିଯୋଗିତାରେ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୪୯ ଦଶମିକ ୫/୪ ସେକେଣ୍ଡରେ ଲକ୍ଷ୍ୟସ୍ଥଳରେ ପହଁଞ୍ଚିଥିଲେ। ଅନ୍ୟପକ୍ଷରେ ସିମରନ୍ ମହିଳା ୧୦୦ ମିଟର ଟି-୧୨ ଫାଇନାଲରେ ଚତୁର୍ଥ ସ୍ଥାନରେ ରହିଥିବାବେଳେ ୨୦୦ ମିଟର ଟି-୧୨ ଇଭେଣ୍ଟରେ ମଧ୍ୟ ସେ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ନୌକାଚାଳନାରେ ଯଶ କୁମାର ପୁରୁଷ ସିଙ୍ଗଲ୍ ୨୦୦ ମିଟରରେ ସେମିଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ପ୍ରାଚୀ ଯାଦବ ଓ ପୂଜା ଓଝା ମଧ୍ୟ ୨୦୦ ମିଟର ପ୍ରତିଯୋଗିତାରେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହି ସେମିଫାଇନାଲ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍-୫୪ ଫାଇନାଲରେ ଦୀପେଶ କୁମାର ପଦକ ପାଇବାରୁ ବଞ୍ଚିତ ହୋଇଛନ୍ତି।

ପାରାଲିମ୍ପିକ୍ କ୍ରୀଡ଼ା ଶେଷ ହେବାକୁ ଆଉ ମାତ୍ର କିଛି ଦିନ ବାକି ଥିବା ବେଳେ ଭାରତ ପ୍ୟାରିସରେ ଭବ୍ୟ ପ୍ରଦର୍ଶନ କରିବାକୁ ପ୍ରୟାସ ଜାରି ରଖିଛି।

**ପ୍ରେଜ୍-ପିଏମ୍- ପ୍ରବୀନ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ୟାରିସ୍ ପାରାଲିମ୍ପିକ୍ସ ପୁରୁଷ ହାଇଜମ୍ପ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରବୀଣ କୁମାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ପାରାଲିମ୍ପିକ୍ସରେ ପ୍ରବୀଣ କ୍ରମାଗତଭାବେ ପଦକ ଜିତି ନିଜର ଅସାଧାରଣ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ପ୍ରବୀଣଙ୍କ ପାଇଁ ଭାରତ ଗର୍ବିତ ବୋଲି ରାଷ୍ଟ୍ରପତି କହିଛନ୍ତି। ଭବିଷ୍ୟତରେ ପ୍ରବୀଣ କ୍ରୀଡ଼ା ଉତ୍କର୍ଷତାର ଉଚ୍ଚ ଶିଖର ଛୁଇଁବେ ବୋଲି ରାଷ୍ଟ୍ରପତି କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବୀଣଙ୍କ ସଂକଳ୍ପ ଓ ଦୃଢ଼ତା ଦେଶ ପାଇଁ ଗୌରବ ଆଣିଛି ଏବଂ ଦେଶ ତାଙ୍କ ପାଇଁ ଗର୍ବ ଅନୁଭବ କରୁଛି ବୋଲି କହିଛନ୍ତି।

## ଗଣେଶ ଉତ୍ସବ

ମହାରାଷ୍ଟ୍ରରେ ୧୦ ଦିନ ଧରି ଚାଲିଥିବାକୁ ଥିବା ଗଣେଶ ଉତ୍ସବ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ମହାରାଷ୍ଟ୍ରରେ ସ୍ୱାଧୀନତା ସଂଗ୍ରାମ ପୂର୍ବରୁ ପାଳନ କରାଯାଇ ଆସୁଥିବା ଏହି ପର୍ବର ମହତ୍ତ୍ୱ ଅନେକ ଦୃଷ୍ଟିରୁ ଅନନ୍ୟ ।

ଆମ ପୁଣେ ସମ୍ବାଦଦାତା କହିଛନ୍ତି, ଲୋକମାନ୍ୟ ବାଲ ଗଙ୍ଗାଧର ତିଲକ ଗଣେଶ ଉତ୍ସବକୁ ଯେଉଁ ରୂପ ଦେଇଥିଲେ ତାହା ଗଣେଶଙ୍କୁ ଜାତୀୟ ଏକତାର ପ୍ରତୀକରୂପେ ଗଢ଼ିତୋଳିଛି । ଗଣେଶ ପୂଜାକୁ ସାର୍ବଜନୀନ ପର୍ବର ରୂପ ଦେବା ସମୟରେ ସେ ଏହାକୁ କେବଳ ଧାର୍ମିକ କାର୍ଯ୍ୟରେ ସୀମିତ ନ ରଖି ସ୍ୱାଧୀନତା ସଂଗ୍ରାମ, ଅସ୍ପୃଶ୍ୟତା ଦୂରୀକରଣ, ସମାଜକୁ ଏକଜୁଟ କରି ସାଧାରଣ ଲୋକଙ୍କୁ ସଚେତନ କରିବା ସହ ଏହାକୁ ଏକ ଆନ୍ଦୋଳନର ରୂପ ଦେଇଥିଲେ ।